# ଋତୁ

ଶୁଣିଲି କାଳେ ଫଗୁଣ ଆସିଛି

ସାଧବବହୂ ବେଶ ରେ

ମଥାରେ ନାଲି ଓଢଣୀ ଦେଇ

କୁଙ୍କୁମ, କଜ୍ଜଳ, ଅଳତା ନାଇ

ଆସିଛି............

ମଧୁ-ମଳୟର ସାଥେ ସାଥେ

ରଙ୍ଗ- ରୋଷଣୀର ତାଳେ ତାଳେ

ପ୍ରେୟସୀ-ପାଲିଙ୍କିରେ ସବାର ହୋଇ

ଶତ-ସୁମନର ସମ୍ଭାର ନେଇ

ବିନିଦ୍ର ରଜନୀର ବାର୍ତ୍ତା ବହି

କବିର କବିତା ହେବା ପାଇଁ ।

କିନ୍ତୁ ... ... ...

ଆଜିକାଲି ଶୁଣିଲେ ଫଗୁଣ ଆସିଛି

ସରିଯାଏ ଶବ୍ଦ ଶବ୍ଦକୋଷରୁ

ସ୍ୟାହି ଶୂନ୍ୟ ହୁଏ ଲେଖନୀ

ହାତ ଥରିଯାଏ , ମଉନ ହୁଏ ମନ

ଶୁଭେନି ବଦରା କାନକୁ

କୋଇଲିର କୁହୁ-କୁହୁ ତାନ

ମଧୁପର ଗୁଣୁ-ଗୁଣୁ ଗୁଞ୍ଜନ

ପ୍ରଜାପତି ଏଠି ବି ବିଷର୍ଣ୍ଣ

ମଧୁରାତି ଆହୁରି ମଳିନ

ବସନ୍ତର "ବସନ୍ତ" ରୋଗୀ ଟି ପରି

ଆମ୍ବ ବି ବଉଳୁନି ଫଗୁଣ ମାସେ

ନା ଦିଗ ଚହଟୁଛି ତାର ସୁବାସେ

ଦେଖାନହିଁ ପୁଣି "ଚକୁଳିଆ ପଣ୍ଡା"ର

ଚୈତାଳି ରେ , ଚଇତି ସକାଳେ ।

ଯେମିତି କାନ୍ଦୁଛି ସେ

କଇଁ କଇଁ ହୋଇ

କାନ ପାର ଶୁଣିପାରିବ

ଅଭିଯୋଗର ସ୍ୱର, ଅନୁରୋଧର ଭାଷା

ଚାହଁ ଥରେ ଦେଖି ପାରିବ

ନୂଆ ଭବିଷ୍ୟତର ଆଶା

ସାୟାହ୍ନ ବୟସରେ ଉପନୀତ

ବୃଦ୍ଧ-ଯୁବକଙ୍କ (Prof. G. D. Agrawal)

ଭିଜା ଭିଜା ଆଖିରେ , ଠୋପା ଠୋପା ଲୁହରେ

ସେମାନଙ୍କ ପାଇଁ

ହଜିଯାଇଛନ୍ତି ଋତୁ ସବୁ

ଯାଇଛନ୍ତି ଦୂରେଇ , ପରକରି

ଆଧୁନିକତାକୁ ଅଭିମାନକରି

ବସ୍ତୁବାଦକୁ ଘୃଣାକରି ।

ଅନୁରୋଧ ... ... ...

ଥରେ ସାମିଲ ହୁଅ

ହାତରେ ହାତରେ ମିଳାଅ

ମିଳାଅ ସ୍ୱର ସ୍ୱରରେ

"ମେଧା"ଙ୍କ ଆହ୍ୱାନରେ, "ବହୁଗୁଣା"ଙ୍କ ଅନଶନ ରେ

"ପଚୌରୀ"ଙ୍କ ପ୍ରଶ୍ନରେ , ସ୍ଲୋଗାନରେ

ଦେଖିବ, ଋତୁମାନେ ସବୁ ଫେରିଆସିବେ

ଫେରିଆସିବ ମୋ ଋତୁ, ତୁମ ଋତୁ, ଆମ ସମସ୍ତଙ୍କ ଋତୁ

ସ୍ନେହ-ସୌନ୍ଦର୍ଯ୍ୟର ଋତୁ, ପ୍ରତ୍ୟୟ-ପ୍ରତିଶ୍ରୁତି ର ଋତୁ

ପ୍ରେମ-ପ୍ରଣୟର ଋତୁ , କବି-କଳ୍ପନାର ଋତୁ

ଋତୁଙ୍କ ଋତୁ

ଋତୁରାଜ ବସନ୍ତ ।

**(Prof. G. D. Agrawal ଙ୍କ ଅନଶନ ସମ୍ମାନାର୍ଥେ ଉତ୍ସର୍ଗୀକୃତ)**

ହିମାଂଶୁ ଶେଖର ବିଶ୍ୱାଳ

୨୧-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା

ମୋର ପ୍ରିୟ "ନବ ଦିଗନ୍ତ"ର ବନ୍ଧୁମାନେ, ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ମୋର "ଋତୁ" କବିତା ପଢିବାପାଇଁ । ଏହି କବିତା ଟି ବିଶିଷ୍ଟ ପରିବେଶବିତ Prof. G. D. Agrawal(ex-Professor of I.I.T. Kanapur) ଙ୍କ ଅନଶନ ସମ୍ମାନାର୍ଥେ ଲେଖାଯାଇଛି । ସେ ଏବେବି "ଗଙ୍ଗା ବଞ୍ଚାଅ" ଅଭିଯାନରେ ଆମରଣ ଅନଶନ ରେ ବସିଛନ୍ତି ।